
ISSN: 2456-9194, Vol. VIII, Issue. I, June 2024

ପ୍ରତ୍ୟୟ
(Journal of Odia Language, Culture and Science)
Peer-Reviewed Journal - Homepage: http://cphfs.in/research.php



# ପିଢ଼ିଗତ ସମସ୍ୟା ଓ ସାଂପ୍ରତିକ ଓଡିଆ ଗଳ୍ପ

**ରମେଶ କୁମାର ମଲ୍ଲିକ**
ସେମିଳିଗୁଡା ମହାବିଦ୍ୟାଳୟ, ସେମିଳିଗୁଡା, କୋରାପୁଟ
Email: rameshkumarm4@gmail.com

*ସଂକ୍ଷିପ୍ତସାର:* *ପିଢ଼ିଗତ ସମସ୍ୟା କହିଲେ ଦୁଇ ଭିନ୍ନ ଭିନ୍ନ ପିଢ଼ିର ଲୋକଙ୍କ ବିଚାର, ବିଶ୍ୱାସ, କାର୍ଯ୍ୟ, ଦର୍ଶନ, ନୈତିକ ମୂଲ୍ୟବୋଧ, ସାମାଜିକ-ସାଂସ୍କୃତିକ-ରାଜନୈତିକ-ଧାର୍ମିକ ମୂଲ୍ୟବୋଧକୁ ନେଇଥିବା ମତ ପାର୍ଥକ୍ୟକୁ ଦର୍ଶାଏ । ଏହି ପ୍ରସଙ୍ଗକୁ ନେଇ ସାଂପ୍ରତିକ ଓଡିଆ ଗଳ୍ପ ଏକ ନୂତନ ଦିଗ ଉନ୍ମୋଚନ କରିଛି । ନବୋନ୍ମୋଚିତ ପ୍ରସଙ୍ଗକୁ ଆଧାର କରି ଗାଳ୍ପିକ ଅଜୟ ସ୍ୱାଇଁଙ୍କ 'ଛାତିଠୁ କାତି ଯେତିକି ଦୂର', 'ରହସ୍ୟ', 'ଗପ ଯେଉଁଠି ସରେ', 'ଜେଜେ ଓ ପ୍ରଜାପତି', 'ଗାଈଚାଷ', 'ଘରର ନକ୍ସା', 'ନିଜଲୋକ', ଗାଳ୍ପିକ ପଦ୍ମଜ ପାଳଙ୍କ 'ପୁରୁଣା କାଳିଆ ଲୋକ', 'ବ୍ଲାକ ଡ୍ରାଗନ୍', 'ମୃଦଙ୍ଗ', 'ଜଣେ ଚାଷୀର ନିର୍ବାଣ', ଭୀମ ପୃଷ୍ଟିଙ୍କ 'ପୋଡାମାଟି' ପରି ଗଳ୍ପ ଅନେକ ପରିମାଣରେ ସଫଳ।*

*ମୂଳଶବ୍ଦ: ଅଜୟ ସ୍ୱାଇଁ, ପଦ୍ମଜ ପାଳ, ଭୀମ ପୃଷ୍ଟି, ଗଳ୍ପ, ପିଢିଗତ ସମସ୍ୟା, ଓଡିଆ ସାହିତ୍ୟ,*

## ଉପକ୍ରମ

ପିଢ଼ିଗତ ସମସ୍ୟା ବା ପିଢ଼ିଗତ ଅନ୍ତର ନୂତନ ଓ ପୁରାତନ ପିଢ଼ିର ତୁଳନାକୁ ବୁଝାଏ । ଏହାକୁ ଭିନ୍ନଅର୍ଥରେ କହିଲେ ଦୁଇ ଭିନ୍ନ ଭିନ୍ନ ପିଢ଼ିର ଲୋକଙ୍କ ବିଚାର, ବିଶ୍ୱାସ, କାର୍ଯ୍ୟ, ଦର୍ଶନ, ନୈତିକ ମୂଲ୍ୟବୋଧ, ସାମାଜିକ-ସାଂସ୍କୃତିକ-ରାଜନୈତିକ-ଧାର୍ମିକ ମୂଲ୍ୟବୋଧକୁ ନେଇଥିବା ମତ ପାର୍ଥକ୍ୟକୁ ଦର୍ଶାଏ । ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ଯୁବପିଢ଼ି ଓ ସେମାନଙ୍କ ପିତାମାତାଙ୍କ ମଧ୍ୟରେ ବିଚାର, ବିଶ୍ୱାସ, ଦର୍ଶନ କାର୍ଯ୍ୟକୁ ନେଇ ଦେଖାଦେଇଥିବା ମତ ପାର୍ଥକ୍ୟକୁ ବୁଝାଇବା ନିମନ୍ତେ ପିଢ଼ିଗତ ସମସ୍ୟା ବା Generation Gap ଶବ୍ଦକୁ ବ୍ୟବହାର କରାଯାଇଥିଲା । ଆଲୋଚନାର ସୁବିଧା ଦୃଷ୍ଟିରୁ ପରମ୍ପରାଗତ (Traditional), ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ଜନ୍ମିତ ଶିଶୁ(Baby Boomer), ଜେନେରେସନ ଏକ୍ସ (Generation X), ସହସ୍ରାବ୍ଦୀ(Milonis') ଭଳି ଚାରିଭାଗରେ ପିଢ଼ି (Generation)କୁ ବିଭକ୍ତ କରାଯାଏ।

ପରମ୍ପରାଗତ (Traditional) ପିଢି ଅନ୍ତର୍ଗତ ଯୁବବର୍ଗ, ବ୍ୟକ୍ତିର ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ସହ ମାନବିକ ମୂଲ୍ୟବୋଧକୁ ସମ୍ମାନ ଜଣାଇଥାଏ । ଏହି ପିଢି ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆର୍ଥିକ ସମସ୍ୟା ଓ ଦୁଃଖଦ ପରିସ୍ଥିତି ମଧ୍ୟରେ ଜୀବନ ଅତିବାହିତ କରିଛି । ପରମ୍ପରାଗତ ପିଢ଼ିର ଲୋକ ଆଧୁନିକ ଉପକରଣ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ଆକୃଷ୍ଟ ହୋଇନଥାଏ । ଏମାନେ ପାରମ୍ପରିକ ଜୀବନ ଶୈଳୀ ସହିତ ଅଭ୍ୟସ୍ତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ଜନ୍ମିତ ଶିଶୁ ବା Baby Boomer ପିଢ଼ିର ଲୋକ ଆର୍ଥିକ ଓ ସାମାଜିକ ସମାନତା ମଧ୍ୟରେ ଜୀବନ ଅତିବାହିତ କରିଛନ୍ତି ଓ ସାମାଜିକ ପରିବର୍ତ୍ତନର ଅଂଶୀଦାର ଭାବେ ପରିଚିତ । ଏହି ପିଢ଼ି ୧୯୬୦ ମସିହାରୁ ୧୯୭୦ ମସିହା ମଧ୍ୟରେ ଜନ୍ମ ହୋଇଥାଏ।

୧୯୮୦ ମସିହାରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ଜେନେରେସନ୍-X (Generation-X) କୁହାଯାଏ । ଏମାନେ ପରିବର୍ତ୍ତିତ ପ୍ରଯୁକ୍ତି ବିଦ୍ୟା, ରାଜନୈତିକ ପରିବର୍ତ୍ତନ, ନୂତନତାର ସମ୍ଭାବନା ମଧ୍ୟରେ ଜୀବନ ବଞ୍ଚିବାରେ ବିଶ୍ୱାସ ରଖନ୍ତି । ଶହସ୍ରାବ୍ଦୀ (Milinions) ବା ନବୀତମ ପିଢ଼ି ଅଟେ। ଯିଏ ପ୍ରଯୁକ୍ତି ବିଦ୍ୟାର ପ୍ରଗତିମଧ୍ୟରେ ଜୀବନ ବଞ୍ଚିଛନ୍ତି । ଏହି ପିଢ଼ି ଲ୍ୟାପଟପ୍, ଭିଡ଼ିଓ ଗେମ୍, ଗଣମାଧ୍ୟମ ସଂଚାର ମାଧ୍ୟମ ସଂପର୍କରେ ସମସ୍ତ ବିଷୟ ଅବଗତ ହୋଇଥାନ୍ତି । ଏହି ପିଢ଼ି ୨୫ ବର୍ଷ ମଧ୍ୟରେ ନିଜକୁ ସ୍ୱତନ୍ତ୍ର ଘୋଷଣା କରିଥାଏ। ଏହି ପିଢ଼ି ପ୍ରଗତି କରିବା, ଅନ୍ୱେଷଣତା, ପ୍ରୟୋଗାତ୍ମକତାକୁ ବିଶ୍ୱାସ କରିଥାଏ।

ତେଣୁ ଏହି ପିଢ଼ିଗତ ସମସ୍ୟା ସଂପ୍ରତି ଭାରତୀୟ ସମାଜ ବ୍ୟବସ୍ଥା ମଧ୍ୟରେ ଏକ ମୁଖ୍ୟ ସମସ୍ୟା। କାରଣ ଭାରତୀୟ ପାରମ୍ପରିକ ନୈତିକ ମୂଲ୍ୟବୋଧ, ବିଚାର, ଦର୍ଶନ, ସାଂପ୍ରତିକ ଯୁବବର୍ଗଙ୍କ ପାଖରେ ହୋଇଛି ମୂଲ୍ୟହୀନ । ଏହାକୁ ଆଧାର କରି ଗାଳ୍ପିକ ଅଜୟ ସ୍ୱାଇଁ, ଗାଳ୍ପିକ ପଦ୍ମଜ ପାଳ, ଭୀମ ପୃଷ୍ଟିଙ୍କ ପରି ଗାଳ୍ପିକ କୃଷି ସଭ୍ୟତାର ଅବକ୍ଷୟ, ଗ୍ରାମ୍ୟ ସଂସ୍କୃତିର ଅବକ୍ଷୟ, ପାରିବାରିକ ସଂପର୍କରେ ମତ ପାର୍ଥକ୍ୟ, ପ୍ରେମରେ ବଂଶ ପରମ୍ପରାର ମୂଲ୍ୟହୀନ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି ।

ଗ୍ରାମ୍ୟ ସଂସ୍କୃତିର ଅବକ୍ଷୟ ଚିତ୍ରକୁ ଆଧାର କରି ଗାଳ୍ପିକ ଅଜୟ ସ୍ୱାଇଁଙ୍କ 'ଛାତିଠୁ କାତି ଯେତିକି ଦୂର', ଗାଳ୍ପିକ ପଦ୍ମଜପାଳଙ୍କ 'ମୃଦଙ୍ଗ', 'ଗୋଟିଏ ଗାଁର ଛବି' ଗଳ୍ପ ଲିଖିତ । ଗ୍ରାମ୍ୟ ସଂସ୍କୃତିର ଅବନତି ସହିତ ସହ ସହରୀ ସଂସ୍କୃତି ମଧ୍ୟରେ ଗଢ଼ି ଉଠୁଥିବା ଅପସଂସ୍କୃତି ଓ ବେକାରୀ ସମସ୍ୟାକୁ ଆଧାର କରି 'ଛାତିଠୁ କାତି ଯେତିକି ଦୂର' ଗଳ୍ପ ରଚିତ। ବିଶିଷ୍ଟ ସଂକୀର୍ତ୍ତନ ଗାୟକଙ୍କ ନାତି ଓ ଇଂରେଜ ଅମଳର ଶିକ୍ଷକ ତଥା ସବରକାରଙ୍କ ପୁତ୍ର ଗାଁର ସମସ୍ତ ଜମିବାଡ଼ି, ମାଛଗାଡ଼ିଆ, ଆମ୍ବତୋଟା, ଘରଡିହ, ଶଗଡ଼, ଭାଗବତ ଟୁଙ୍ଗୀ, ତଥା ଗାଁ ଲୋକଙ୍କୁ ଭୁଲି ଧନ ଲୋଭରେ ଜଣେ ଖ୍ରୀଷ୍ଟିଆନ ଝିଅକୁ ବିବାହ କରିଛନ୍ତି । ସରକାରୀ ସ୍ତରରେ ଉଚ୍ଚପଦବୀରେ ହୋଇଛନ୍ତି ଅଭିଷିକ୍ତ। ତେଣୁ ପହଲି ଅର୍ଥାତ୍ ପ୍ରହଲ୍ଲାଦ କୁମାର ନାତି କୈଳାଶକୁ ଚାକିରୀଟିଏ କରାଇ ଦେବାପାଇଁ ହାକିମଙ୍କ ପାଖରେ ଅଳି କରିଛନ୍ତି । କିନ୍ତୁ ଗୁହାରି ଶୁଣାଇସାରି ଦେଖନ୍ତି ଯେ ସେଠାରେ ହାକିମ ନରହି ରହିଛି ତାଙ୍କ ପୋଷାକୁକୁର। ତେଣୁ ପୋଷାକୁକୁର କୁରକୁ ସମସ୍ତ ବୃତ୍ତାନ୍ତ ଶୁଣାଇ ଫେରି ଆସିଛନ୍ତି ଜେଜେ । ଗାଁର ସମସ୍ତ ପରମ୍ପରା,ସଂସ୍କୃତି ଅବହେଳିତ ହେଲାପରି, ଅବହେଳିତ ହୋଇଛନ୍ତି ପ୍ରହଲ୍ଲାଦ କୁମାର।

ସେହିପରି ଗାଳ୍ପିକ ପଦ୍ମଜ ପାଳ 'ମୃଦଙ୍ଗ' ଗଳ୍ପରେ ସାଂସ୍କୃତିକ ଅବକ୍ଷୟକୁ ଦର୍ଶାଇଛନ୍ତି । ପ୍ରସିଦ୍ଧ ମୃଦଙ୍ଗ ବାଦକ ଗୁରୁ ଦୀନନାଥ ଲେଙ୍କାଙ୍କ ମୃତ୍ୟୁ ପରେ ନରହରି ଦାସ ଓ ଦୀନନାଥଙ୍କ ଦୁଇପୁଅଙ୍କ ମଧ୍ୟରେ ଦେଖାଦେଇଛି ମତପାର୍ଥକ୍ୟ; ଦୀନନାଥଙ୍କ ମୃତ ଶରୀର ଓ ତାଙ୍କ ଦ୍ୱାରା ବାଦିତ ମୃଦଙ୍ଗକୁନେଇ । କାରଣ ଦୀନନାଥଙ୍କ ଇଚ୍ଛାଥିଲା ମୃତଶରୀରକୁ ନିଜବାରିରେ ସମାଧି ନେବାକୁ, ମାତ୍ର ଗାଁ ବାରିରେ କିମ୍ବା ପୁରୀର ସ୍ୱର୍ଗଦ୍ୱାରରେ ମଧ୍ୟ ଦାହ କରଯାଇନି । ଭୁବନେଶ୍ୱରର ନଅ ନମ୍ବର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଶୋଭାଯାତ୍ରୀମାନେ ସଂସ୍କାର ପରେ ପାରମ୍ପରିକ ରୀତିରେ ଘରେ ପିତା ନପାଇ ଖାଇଛନ୍ତି ସ୍ୱସ୍ତି ପ୍ଲାଜାରେ । ହଜାର ହଜାର ବର୍ଷ ସଂସ୍କୃତି ପରମ୍ପରା ହୋଇଛି ଅଲୋଡ଼ିତ । ସମ୍ବେଦନା ଅପେକ୍ଷା ଗୁରୁତ୍ୱ ପାଇଛି ଅର୍ଥ ଓ ସମୟର। ସେହିପରି ଦୀନନାଥଙ୍କ ଦ୍ୱାରା ବାଦିତ ମୃଦଙ୍ଗର ଯତ୍ନ ଏବଂ ସଂରକ୍ଷଣକୁ ନେଇ ଦେଖାଦେଇଛି ସମସ୍ୟା। ତେଣୁ ଗଳ୍ପ ନାୟକ ନରହରି ଦାସ ମୃଦଙ୍ଗଟିକୁ ନେଇ ଦୀନନାଥଙ୍କ ଶବଦାହ ଯୂପ କାଠର କରିଛନ୍ତି ନିକ୍ଷିପ୍ତ। ଫଳତଃ ସ୍ୱତସ୍ଫୂର୍ତ୍ତ ଭାବେ ମୃଦଙ୍ଗଟି ହୋଇଛି ନିନାଦିତ । ଯାହା ପ୍ରମାଣ କରିଛି ଦୀନାନାଥଙ୍କ ଆତ୍ମାର ଉପସ୍ଥିତି ।

ସଂପ୍ରତି ଦଳୀୟ ରାଜନୀତି, ଧାର୍ମିକ ବ୍ୟବସ୍ଥା, ଜାତିପ୍ରଥା, ଗ୍ରାମ୍ୟ ସଂସ୍କୃତି ଓ ସଭ୍ୟତାକୁ କରିଛି କଳୁଷିତ । ପରସ୍ପରକୁ ସାହାଯ୍ୟ କରିବାର ମନୋବୃତ୍ତିକୁ ନେଇ ଶହ ଶହ ବର୍ଷ ଜୀବନ ବଞ୍ଚୁ ଆସିଥିବା ଗ୍ରାମ୍ୟ ମନୁଷ୍ୟ ମଧ୍ୟରେ ଦେଖାଦେଇଛି ଶତ୍ରୁତା । ବିଶୃଙ୍ଖଳତା, ଅର୍ଥ କ୍ଷମତା, ପ୍ରତିପତ୍ତାରେ ଗ୍ରାମ୍ୟ ମନୁଷ୍ୟ ହୋଇଉଠିଛି ପ୍ରତିହିଂସା ପରାୟଣ। ବୁଲା ଷଣ୍ଢ ଗ୍ରାମ୍ୟ ସଂସ୍କୃତିରେ ଶିବଙ୍କ ବାହନ ଭାବେ ହୁଏ ସମ୍ମାନିତ । ମାଙ୍କଡ଼ ପ୍ରଜାତି ସଦାସର୍ବାଦ ହନୁମାନଙ୍କ ପ୍ରତୀକରୂପେ ପରିଗୃହିତ । କିନ୍ତୁ ସ୍ୱାର୍ଥହୀନ ମନୁଷ୍ୟ ପାଖରେ ଏସବୁ ଭାବନା ହୋଇଛି ଅବହେଳିତ। ଏହି ପ୍ରକାର ପୃଷ୍ଠଭୂମିରେ ଗାଳ୍ପିକ ପଦ୍ମଜ ପାଳଙ୍କ 'ଗୋଟିଏ ଗାଆଁର ଛବି' ଗଳ୍ପଟି ରଚିତ । ଗାଆଁର ଭୌଗୋଳିକ ସୀମାକୁ ଦେହରେ ଛାପିଥିବା ଷଣ୍ଢ, ଆସକ୍ତ, ଅନାସକ୍ତ, ଆତ୍ମା ବିଷୟରେ ଶୁଣି ନିଖିଳର ଗାଁ ବୁଲିବାକୁ ଯାଇଛି ଗଳ୍ପ ନାୟକ, ଗାଁର ତୈଳଚିତ୍ର ଆଙ୍କିବା ଉଦ୍ଦେଶ୍ୟ ନେଇ । କିନ୍ତୁ ଗ୍ରାମ୍ୟ ସାଂସ୍କୃତିର ଅବକ୍ଷୟ ଦେଖି ଦୁଃଖ ହତାଶରେ ଫେରି ଆସିଛି, ଆଙ୍କିଛି ଏକ ଭୟଙ୍କର ଚିତ୍ର । ଯେଉଁଠି ଦେଖିବାକୁ ମିଳିଛି "ସାରା ଆକାଶରେ ଖଣ୍ଡେ ଆସୁରିକ କଳା ବାଦଲ ଯେମିତି ଫେଣ୍ଟି ହେଉଛି ରଙ୍ଗ ବଦଳଉଛି ଓ ଦେଖିଲେ ଭୟଙ୍କର ଦିଶୁଛି। ମନେ ହେଉଛି ଯେପରି ନଦି ହୋଇପଡ଼ିବ ମାଟି ଉପରେ । ଗୋଟାଏ କଡ଼ରେ ଗୋଟାଏ ଘରେ ନିଆଁ ଲାଗି ଯାଇଛି । ଜ୍ୱଳନ୍ତ ଶିଖା ଯେମିତି ଛୁଉଁଛି ସେ ବାଦଲ ଖଣ୍ଡକୁ। ପାଖରେ ତାର କେଇଟା ମଣିଷ ରୂପୀ ଜୀବ। ଆତଙ୍କଗ୍ରସ୍ତ ଆଖି ଆଉ ବିକଳ ଆଁ କରି ହାତ ଟେକି ଯେପରି ଛଟପଟ ହେଉଛନ୍ତି। ବରଂ ଚିତ୍କାର କରୁଛନ୍ତି ଦୌଡ଼ି ଆସ ଦୌଡ଼ି ଆସ ଘରପୋଡ଼ିଗଲା, ବଞ୍ଚାଅ ।"(୧)

ଜନସଂଖ୍ୟା ବୃଦ୍ଧି, ବାସଗୃହ ନିର୍ମାଣ, କଳକାରଖାନାର ପ୍ରତିଷ୍ଠା, କୃଷି ସଭ୍ୟତାକୁ ବେଶ୍ ପ୍ରଭାବିତ କରିଛି । କାରଣ ବର୍ଦ୍ଧିତ ଜନସଂଖ୍ୟାଙ୍କ ବସବାସ ନିମନ୍ତେ ଚାଷଜମିର ଉପଯୋଗ ହେଉଛି । ଶିକ୍ଷାନୁଷ୍ଠାନ, କଳକାରଖାନାର ପ୍ରତିଷ୍ଠାରେ ମଧ୍ୟ ଚାଷଜମିକୁ ବ୍ୟବହାର କରାଯାଉଛି । ଫଳତଃ ଜମିର ଚାହିଦା ବୃଦ୍ଧି ଘଟୁଛି । ତେଣୁ ସାଧାରଣ ଜନତା ଅର୍ଥଲୋଭରେ ପାରମ୍ପାରିକ କୃଷି ତଥା ଧାନ, ମୁଗ, ବିରି, ଆଖୁ ଭଳି ଚାଷକୁ ପରିତ୍ୟାଗ କରୁଛନ୍ତି । ନୂତନ ଭାବେ ଗଢ଼ି ଉଠୁଥିବା ଫ୍ଲାଟ୍ ସଂସ୍କୃତି, ଡ୍ୟୁପ୍ଲେକ୍ସ ସଂସ୍କୃତିକୁ ଜମି ହସ୍ତାନ୍ତରିତ କରୁଛନ୍ତି । ତତ୍‌ସହିତ କୃଷିଜାତ ଦ୍ରବ୍ୟ ଚାଉଳ, ମୁଗ, ବିରି, ଗୁଡ଼ର ମଧ୍ୟ ଚାହିଦା କ୍ରମଶଃ ବୃଦ୍ଧିଘଟୁଛି । ତେଣୁ ଏହି ପ୍ରକାରର ଏକ ପୃଷ୍ଠଭୂମିରେ 'ରହସ୍ୟ' ଗଳ୍ପ ଗଢ଼ି ଉଠିଛି। ପ୍ରସିଦ୍ଧ ଆଖୁଚାଷୀ ଓ ଚମତ୍କାର ଗୁଡ଼ ରାନ୍ଧି ପାରୁଥିବା ଗୁଣନିଧି ସାହୁଙ୍କ ଅଞ୍ଚଳରେ ଦଶବର୍ଷ ପୂର୍ବରୁ ଆଖୁଷ ବନ୍ଦ ହୋଇଯାଇଥିଲେ ମଧ୍ୟ ଚମତ୍କାର ଗୁଡ଼ ରାନ୍ଧିବାର କୋଶଳଟିକୁ ରଖିଛନ୍ତି ଗୋପନ । ଯାହା ତାଙ୍କର ଜୀବନ ବଞ୍ଚିବାର ଏକମାତ୍ର ସାହାରା, ଯେଉଁ ରହସ୍ୟକୁ ନେଇ ସେ ଗର୍ବ କରୁଥିଲେ। ସେହି ଗୁଡ଼ ରାନ୍ଧିବାର କୌଶଳକୁ ଗୋପନ ରଖିବା କାରଣରୁ ମୃତ୍ୟୁବରଣ କରିପାରି ନାହାନ୍ତି । ରୋଗ ଶଯ୍ୟାରେ ପଡ଼ି ଯନ୍ତ୍ରଣା ଭୋଗିଛନ୍ତି । ଯେଉଁ ମାଟି ସହ ମାଟି ହୋଇ ଶରତ ଓ ଭରତଙ୍କୁ ଶିକ୍ଷିତ କରାଇଛନ୍ତି, ଦୁଇ ଝିଅଙ୍କୁ ବିବାହ କରିଛନ୍ତି । ପ୍ରସିଦ୍ଧ ଆଖୁ ଚାଷୀ ଓ ଚମତ୍କାରୀ ଗୁଡ଼ ରାନ୍ଧୁଣିଆଭାବେ କୃଷି ମନ୍ତ୍ରୀଙ୍କଠାରୁ ମାନପତ୍ର ପାଇଛନ୍ତି । ସେହି କୃଷି, ମାଟି, ତଥା ଆଖୁଚାଷ ଦୁଇପୁତ୍ରଙ୍କଦ୍ୱାରା ହୋଇଛି ଅବହେଳିତ। ବଡ଼ପୁଅ ଶରତ ଚାହିଁଛି ଗୁଣନିଧିଙ୍କ ମୃତ୍ୟୁପରେ ଜମି ବିକ୍ରିକରି ଝିଅମାନଙ୍କ ପ୍ରସାଧନ ସାମଗ୍ରୀ ଦୋକାନ କରିବ । ସାନପୁଅ

 ISSN: 2456-9194, Vol. VIII, Issue. I, June-2024

ଭରତ ସ୍ନାତକତ୍ତୋର ଅଧ୍ୟୟନ କରି ଲାଞ୍ଚ ଦେଇ ସରକାରୀ ଚାକିରି କରିବାକୁ ଚାହିଁଛି । ଗୁଣନିଧି ତାଙ୍କ ବାପାଙ୍କୁ ଘରର ମୁରବି, ପିଠି ପଛର କାନ୍ଥଭାବୁଥିବା ବେଳେ, ଶରତ ଓ ଭରତଙ୍କ ପାଖରେ ଗୁଣନିଧ ହୋଇଛନ୍ତି ଅବହେଳିତ, ପାଗଳ, ଏକଜିଦିଆ ।  ଫଳତଃ ପାରମ୍ପରିକ କୃଷି ଓ ଆଧୁନିକ ଶିକ୍ଷା ସଭ୍ୟତା ପ୍ରଭାବିତ ଦୁଇପିଢ଼ୀ ମଧ୍ୟରେ ଦେଖାଦେଇଛି ସମସ୍ୟା, କିନ୍ତୁ ସାନପୁଅ ଭରତ ଗୁଣନିଧିଙ୍କ ଅନ୍ତେ ଆଖୁଚାଷ କରିବାକୁ କରିଛି ମନସ୍ତ। ସେହିପରି ଗାଳ୍ପିକ ଭୀମ ପୃଷ୍ଟିଙ୍କ 'ପୋଡାମାଟି'  ଗଳ୍ପରେ ମୃତ୍ତିକା ଶିଳ୍ପର ଅବକ୍ଷୟ ଓ ଟେରାକୋଟା ନାମରେ ପୁନର୍ବିନ୍ୟାସର ସଂଘର୍ଷ ମଧ୍ୟରେ  ବିରିୟନୀ ଆଟିକା ଗଢିବାର ବ୍ୟବସାୟ ଦୁଃଖିତ କରିଛି ଟେରାକୋଟ ଶିଳ୍ପୀ ମନ୍ଦରକୁ। ତେଣୁ ନିଜକୁ ବୁଝାଇବାକୁ ଚେଷ୍ଟା କରି କହିଛି " ବଡପୁଅ  ଯେଉଁ  ମାଟିପ୍ରତିମା ଗଢା ଟେରାକୋଟା  କହି ନାକ ଟେକୁଛି। ବିରିୟନୀ  ଆଟିକା ବି ତ ଟେରାକୋଟା ! ଟେରାକୋଟ ଆଉ କ'ଣ କି ? ପୁରୁଣା ମାଟିକାମକୁ ଦୁନିଆ ନୂଆ ରୂପରେ  ବ୍ୟବହାର କଲେ ତ ପାଲଟେ ଟେରାକୋଟା ।" (୨)

ରାଜତନ୍ତ୍ରର ପତନ, ପାନବରଜ ତଥା ପାନ ଚାଷର ଅବନତି, ଜନସଂଖ୍ୟା ବୃଦ୍ଧି କାରଣରୁ ବାସସ୍ଥାନ, କଳ କାରଖାନା ସ୍ଥାପନ ନିମନ୍ତେ ଚାଷଜମିର ବିକ୍ରି, ପ୍ରଚୁର ଅର୍ଥ ରୋଜଗାରର ଚିତ୍ର ବର୍ଣ୍ଣିତ ହୋଇଥିବା ଗଳ୍ପ ହେଉଛି ଅଜୟ ସ୍ୱାଇଁଙ୍କ 'ଗପ ଯେଉଁଠି ସରେ' । ଗଳ୍ପର ନାୟକ କଥକ ନିଶାଗ୍ରସ୍ତ, ଗୌରବର୍ଣ୍ଣ, ଧନଜନ ହୀନ ରାଜାଙ୍କୁ କାହାଣୀ ଶୁଣାଇଛନ୍ତି । ତା'ର ପାନ ବରଜକୁ ବିକ୍ରି କରି ଧନୀ ହୋଇଛି । ତାର ସନ୍ତାନସନ୍ତତି, ଧନଧାନ୍ୟ ମଧ୍ୟରେ ଜୀବନ ଅତିବାହିତକଲେ ମଧ୍ୟ କଥକ ଝୁରି ହୋଇଛି ତାର ପାନଚାଷ, କୃଷିକ୍ଷେତ୍ର ପାନବରଜକୁ । ଭାରତ ଏକ କୃଷି ପ୍ରଧାନ ଦେଶ, ତତ୍‌ସହିତ କୃଷିଜାତ ଦ୍ରବ୍ୟ ଓ ଉତ୍ପାଦନ ମନୁଷ୍ୟ ନିମନ୍ତେ ନିତାନ୍ତ ଆବଶ୍ୟକ । କିନ୍ତୁ ସଂପ୍ରତି ନୂତନ ଅର୍ଥନୀତି ଓ ଜଗତୀକରଣର ପ୍ରଭାବରେ ଗଢ଼ି ଉଠୁଥିବା ଶିଳ୍ପ ସଭ୍ୟତା କଳ କାରଖାନା ସ୍ଥାପନ ବିଶାଳ ଜନସଂଖ୍ୟାର ବାସସ୍ଥାନ ନିମନ୍ତେ ଆବଶ୍ୟକ ଜମିର ଚାହିଦାକୁ ପରିପୂରଣ ନିମନ୍ତେ ଚାଷଜମିରେ ଗଢ଼ି ଉଠୁଥିବା ଫ୍ଲାଟ ସଂସ୍କୃତି, ତତ୍‌ସହିତ ଅର୍ଥର ଆବଶ୍ୟକତା ପାଖରେ ମନୁଷ୍ୟର ଅସହାୟତା କିପରି ବାଧ୍ୟ କରେ ନିଜ ନିଜ ଚାଷଜମି ଭାତହାଣ୍ଡି ଲକ୍ଷ୍ମୀ ମାଟିମା'କୁ ବିକିବାକୁ ବାଧ୍ୟ ହୁଅନ୍ତି। ତାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଅଜୟ ସ୍ୱାଇଁଙ୍କ 'ଜେଜେ ଓ ପ୍ରଜାପତି' ଗଳ୍ପ । ତତ୍‌ସହିତ ଗଳ୍ପରେ ରହିଛି ମଧ୍ୟ ଅତୀତପ୍ରୀତିର ଏକ ମୃଦୁ ସ୍ପନ୍ଦନ । ଚାକିରୀ ବୃତ୍ତିକୁ ଚାକରର ସମକକ୍ଷ ଭାବୁଥିବା ଗଳ୍ପନାୟକଙ୍କ ଜେଜେ କୃଷିକ୍ଷେତ୍ର ଓ କୃଷି ବୃତ୍ତିକୁ ଗ୍ରହଣ କରିଛନ୍ତି ସର୍ବଶ୍ରେଷ୍ଠ ରୋଜଗାରର ମାଧ୍ୟମ ଭାବରେ । ତେଣୁ ପୁଅ କରିଥିବା ଶିକ୍ଷକ ବୃତ୍ତିକୁ ଛାଡ଼ିଦେବ । ପାଇଁ ଚାହିଁଛନ୍ତି । ଫଳତଃ ଗଳ୍ପ ନାୟକଙ୍କ ବାପା ଚାକିରୀଛାଡ଼ି କୃଷି ବୃତ୍ତିକୁ ଆପଣାଇଛନ୍ତି । ତେଣୁ ଦେଖାଦେଇଛି ଆର୍ଥିକ ସମସ୍ୟା । ତେଣୁ ତିନୋଟି ଝିଅ ବାହାଘର, ପୁଅର ପାଠପଢ଼ା ପାଇଁ ବିକ୍ରି କରିଛନ୍ତି ଚାଷଜମି । କିନ୍ତୁ ଯେଉଁଦିନ ତେରବାଟିଆ ଜମିରେ ଜେଜେଙ୍କ ନାମାନୁସାରେ କରୁଣାକର ଆପାର୍ଟମେଣ୍ଟକୁ ଗଳ୍ପନାୟକଙ୍କ ବାପା ଉନ୍ମୋଚନ କରିଛନ୍ତି । ସେହିଦିନ ଗଳ୍ପନାୟକଙ୍କ ଜେଜେଙ୍କର ମୃତ୍ୟୁ ଘଟିଛି ।

ଅପର୍ତ୍ତି ଓ ଗୁରେଇ ଦିନକୁ ଅଶିସେର କ୍ଷୀର ପାଇବା ଆଶାରେ କୃଷିବାବୁଙ୍କ କଥାରେ କଜଳୀ ଓ କଷରୀ ପରି ଦେଶୀ ଗୃହପାଳିତ ପଶୁଙ୍କୁ ଅବହେଳା କରି ବର୍ଣ୍ଣ ଶଙ୍କର (ଜର୍ସି) ଗାଈ ପାଳନ କରିଛନ୍ତି। କିନ୍ତୁ ଜର୍ସିଗାଇ ଦୁଇଟିଙ୍କର ରୋଗରେ ମୃତ୍ୟୁବରଣ ଘଟିଛି । ଅପର୍ତ୍ତି ଋଣ ଶୁଝିବାର ଚିନ୍ତାରେ ରୋଜଗାର ମାଧ୍ୟମ ଗାଈ ଚାଷକରି ଧନୀ ହୋଇଯିବାର ସ୍ୱପ୍ନ ଭାଙ୍ଗିଯାଇଛି । ତେଣୁ ସେ ଆତ୍ମହତ୍ୟା କରିବା ପାଇଁ ମନସ୍ତ କରୁଥିବା ବେଳେ କଜଳୀ ଓ କଷରୀର ଆକର୍ଷଣ ତାକୁ ବାନ୍ଧି ରଖିଛି ଅଜୟ ସ୍ୱାଇଁଙ୍କ 'ଗାଈଚାଷ' ଗଳ୍ପରେ । ଚାଷୀ ବିଳାସ ପାଣ୍ଡିଆ କୃଷି ଋଣରେ ଭାରାକ୍ରାନ୍ତ ହୋଇଛି, କିନ୍ତୁ ଆତ୍ମହତ୍ୟାର କଥା ଭାବିନି । ମାତ୍ର ନିଜର ଜମିବିକ୍ରି କରିବାର ଉପଦେଶ ଓ ଟଙ୍କାର ସାହାଯ୍ୟପାଇ ନିଜର ସ୍ୱାଭିମାନ ହରାଇଛି । ଫଳତଃ ଆତ୍ମହତ୍ୟା କରିଛି ପଦ୍ମଜ ପାଳଙ୍କ 'ଜଣେ ଚାଷୀର ନିର୍ବାଣ' ଗଳ୍ପରେ।

ପାରିବାରିକ ଜୀବନରେ ମଧ୍ୟ ପିଢ଼ିଗତ ସମସ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଦେଖାଦେଇଛି । ଏହାକୁ ଆଧାର କରି ଗାଳ୍ପିକ ଅଜୟ ସ୍ୱାଇଁ, ଗାଳ୍ପିକ ପଦ୍ମଜ ପାଳ ଗଳ୍ପ ରଚନା କରିଛନ୍ତି । ସଂସ୍କୃତିର ପରିବର୍ତ୍ତନ ସହିତ ମନୁଷ୍ୟ ବାସ କରୁଥିବା ଘରର ମଧ୍ୟ ପରିବର୍ତ୍ତନ ଘଟୁଛି। ତେଣୁ ଏହି ପରିବର୍ତ୍ତନର ଧାରାରେ ଓଡ଼ିଶାର ନଡ଼ା ବାଉଁଶ, କତା ଦଉଡ଼ିର ସାତସେଣିଆ ଚାଳ ଛପର ଆଟୁ ଘର ପରିବର୍ତ୍ତନ ଘଟି କୋଠାଘରରେ ପରିବର୍ତ୍ତନ ହେଉଛି । ପାରମ୍ପରିକ ଖାଦ୍ୟ ବଦଳରେ ବୈଦେଶିକ ଖାଦ୍ୟକୁ ଆପଣାଯାଇଛି। ଘରର କାନ୍ଥରେ ଝୋଟିଚିତା, ଲକ୍ଷ୍ମୀପାଦ, ଚଢ଼େଇ, ପଦ୍ମଫୁଲ, ଆଧୁନିକତାର ପ୍ରଭାବରେ ଭୁଲି ହୋଇଯାଉଛି । ଗ୍ରାମ୍ୟ ସଂସ୍କୃତି ମଧ୍ୟରେ ଗେଣ୍ଡୁଫୁଲ, ମଲ୍ଲୀଫୁଲର ବାସ୍ନା ଧିରେ ଧିରେ ହଜିଯାଉଛି । ଗ୍ରାମ୍ୟ ସଂସ୍କୃତି ମଧ୍ୟରେ ମନୋରଞ୍ଜନର ମାଧ୍ୟମ ବାଉଁଶରାଣୀ, ଢୋଲ, ଧୁଡୁକି ଗୀତ, କାଠଘୋଡ଼ା, ମୁଣ୍ଡପୋତା କେଳା ମଧ୍ୟ ହଜିଗଲେଣି । ଏ ପ୍ରକାର ସ୍ମୃତି ସାଉଁଟି ଧରି ରଖୁଥିବା ଗଳ୍ପ ହେଉଛି ଅଜୟ ସ୍ୱାଇଁଙ୍କ 'ଘରର ନକ୍‌ସା' । ପରିବର୍ତ୍ତିତ ସମୟ କାଳ ସହିତ ପରିବର୍ତ୍ତିତ ସଂସ୍କୃତି ଓ ପାରମ୍ପରିକତାକୁ ଦର୍ଶାଇବାର ଶତ ପ୍ରତିଶତ ସଫଳ । କାରଣ ବାତ୍ୟାରେ ଭାଙ୍ଗିଯାଇଥିବା ଘରର ପୁନଃନିର୍ମାଣ କରିବାକୁ ନିଜର ରୋଜଗାରକ୍ଷମ ପୁତ୍ରମାନଙ୍କ ଠାରୁ ଟଙ୍କା ଆଣିଥିଲେ ମଧ୍ୟ ନୂତନଗୃହ ନିର୍ମାଣ କରି ପାରିନାହାନ୍ତି । ସେହି ପୁରୁଣା ଘରକୁ ପୁନଃନିର୍ମାଣ କରି ଜେଜେଙ୍କ ପରି ଜୀବନ ବଞ୍ଚିବାକୁ ଚେଷ୍ଟା କରିଛନ୍ତି । ନିଜ ପିତାଙ୍କର ସ୍ମୃତିଥିବା ଘରକୁ ଭାଙ୍ଗି ପାରିନାହାନ୍ତି ।

ବାପା, ମା, ପୁଅ ଝିଅ, ଭାଇ, ଭଉଣୀର ପାରିବାରିକ ସଂପର୍କ ମଧ୍ୟରେ ପ୍ରବାହିତ ହୁଏ କ୍ଷୀଣରକ୍ତ ସଂପର୍କ । କିନ୍ତୁ ସମସ୍ତଙ୍କୁ ଆପଣାର କରି ନିଜର ଭାବି ଜୀବନ ବଞ୍ଚିବାକୁ ହେଲେ ଆବଶ୍ୟକ ହୁଏ ନିଃସ୍ୱାର୍ଥପରତା । ଉଦାରତା ଭଳି ମାନସିକ । ତେଣୁ 'ନିଜଲୋକ' ଗଳ୍ପରେ ମଦର ଟେରସା ନର୍ସ ସପ୍ଲାଏ ସଂସ୍ଥାରେ ସେବିକା ଭାବେ ଯୋଗ ଦେଇଥିବା ମନୋରମା ଦାସ ମୟୁରଭଞ୍ଜରେ ରହୁଥିବା ବାପା ମା, ବଡ଼ଭାଇ ଭଉଣୀ, ସାନ ଭାଇର ସମସ୍ତ ଦାୟିତ୍ୱ ନେଇଛି । କିନ୍ତୁ ରାମନାଥ ଭିଲ୍ଲାର ରାମନାଥ ବାବୁଙ୍କ ପୁଅ ଶଶାଙ୍କକୁ ସୁଖସୁବିଧା ଯୋଗାଇ ନାମୀବିଦ୍ୟାଳୟରେ ପାଠ ପଢ଼ାଇ ଉଚ୍ଚଶିକ୍ଷିତ କରିଥିଲେ ମଧ୍ୟ ଶଶାଙ୍କ ଆମେରିକା ଭଳି ଦେଶରେ

ଚାକିରି କରି ପ୍ରଚୁର ଅର୍ଥରୋଜଗାର କରି ମଧ ବାପା ରାମଲାଲାଙ୍କୁ ସମୟ ଦେଇପାରିନି । ରାମନାଥଙ୍କ ସେବିକା ଭାବରେ ଆସିଛି ମନୋରମ । ମନୋରମ ରାମନାଥଙ୍କୁ ନିଜର ବାପା ଭଳି ସେବା କରିଛି । ରାମନାଥ ମଧ ମନୋରମାଙ୍କୁ ନିଜର ଝିଅ ଭାବି ସମସ୍ତ ସମ୍ପତ୍ତି ତାକୁ ଦେଇଦେବାକୁ ମନସ୍ତ କରିଛନ୍ତି । କିନ୍ତୁ ପରକୁ ନିଜର କରିବାର ଶୈଳୀକୁ ବୃତ୍ତିଭାବେ ଆପଣାଇଥିବା ମନୋରମା ରାମନାଥଙ୍କ ମୃତ୍ୟୁ ପରେ ଘର ଚାବି ପାରିବାରିକ ଚିକିତ୍ସକ ଡ.ସେନ୍‌ଙ୍କୁ ଦେଇ ଆପଣାର ଲୋକ ସନ୍ଧାନରେ ନିରୁଦ୍ଧିଷ୍ଟ ହୋଇଯାଇଛି। ଗାଳ୍ପିକ ସ୍ୱାଇଁ 'ବୋଉ ଓ ବିଲେଇ', 'ମାଟି, ପାଣି, ପବନ' ଭଳି ଗଳ୍ପରେ ମଧ ପାରିବାରିକ ମତ ପାର୍ଥକ୍ୟ, ଅର୍ଥର ଗୁରୁତ୍ୱକୁ ଦର୍ଶାଇଛନ୍ତି ।

ଗାଳ୍ପିକ ପଦ୍ମଜ ପାଲଙ୍କ 'ପୁରୁଣା କାଳିଆ ଲୋକ' ଗଳ୍ପରେ ମଣିଷ ଯାହାକୁ ମାଧମ କରି ଉପରକୁ ଉଠେ, ସମୟାନୁକ୍ରମେ ଧିରେ ଧିରେ ତାର ବଳିଦାନକୁ ଭୁଲିବାକୁ ଚେଷ୍ଟା କରେ । ଯେଉଁ ନୀତିନିୟମ ସଂସ୍କୃତି, ପରମ୍ପରା ଦ୍ୱାରା ନିଜକୁ ମାର୍ଜିତ କରେ, ନିଜକୁ ସଂସ୍କାରୀ ଭାବେ ଗଢ଼ି ତୋଳେ ସେହି ନୀତିନିୟମ, ସଂସ୍କୃତି, ପରମ୍ପରା, ଦର୍ଶନ ହୁଏ ଆଗ୍ରହ୍ୟ । ଅଥଚ ବଂଶାନୁକ୍ରମେ ଏସବୁକୁ ଗ୍ରହଣ କରି ଜୀବନ ବଞ୍ଚିଥିବା ବାବନା ଲେଙ୍କା ପୁରୁଣା କାଳିଆ ଲୋକ ଭାବରେ ନିଜର ଦୁଇ ପୁଅ, ସ୍ତ୍ରୀ, ବୋହୂଙ୍କ ଦ୍ୱାରା ହୋଇଛନ୍ତି ଅବହେଳିତ । ହାଟରେ ପନିପରିବା, ଚାଉଳ ବିକ୍ରିକରି, ଅନ୍ୟର ମୂଲ ଲାଗି ଯୋଗ୍ୟ କରାଇଥିବା ଦୁଇ ପୁଅଙ୍କ ସମ୍ମୁଖରେ ବୁଢ଼ା ବାପାର ଶାରିରୀକ ପରିଶ୍ରମର କିଛି ମୂଲ୍ୟ ନାହିଁ । ବରଂ ସେମାନଙ୍କ ମାନ ଇଜ୍ଜତ ହୋଇଛି ଭୂଲୁଣ୍ଠିତ । ତେଣୁ ବାପା ବାବନା ଲେଙ୍କାଙ୍କୁ କୋଢ଼ି ଭଳି ବା କର୍ମଶୂନ୍ୟ କରି ଘରେ ବସେଇବାକୁ ଚେଷ୍ଟା କରିଛନ୍ତି । ଯାହା ଅସହ୍ୟ ହୋଇଛି ବାବନା ଲେଙ୍କା ପ୍ରତି । ଫଳରେ ସେ ଏକା ଏକା ଜୀବନ ବଞ୍ଚିବାକୁ ଚେଷ୍ଟା କରିଛନ୍ତି ଏବଂ କହିଛନ୍ତି " ଯାଅ ତମର ମାନସମ୍ମାନ ଟଙ୍କା ନେଇ କଉଠି ରହିବ ରୁହ। ମୁଁ ଖଟିବି , ହାଟବାଟକୁ ଯିବି ମୋ କ୍ଷେତର ପନିପରିବା ନେଇ, ମତେ ସେଥିରୁ କେହି ରଖି ପାରିବେ ନାହିଁ ।"(୩)

ପିଢ଼ୀଗତ ସମସ୍ୟା ଆଧାରିତ ଅନ୍ୟ ଏକ ଗଳ୍ପ ହେଉଛି 'ବ୍ଲାକ୍ ଡ୍ରାଗନ୍' । ଯେଉଁଠି ପୁରସ୍କାର ପ୍ରାପ୍ତ କାଳିନ୍ଦୀ ମହାରଣାଙ୍କ ସରସ୍ୱତୀ ମୂର୍ତ୍ତି ଗଢ଼ଣର ପାରମ୍ପରିକତାକୁ ନେଇ ବ୍ଲାକ୍ ଡ୍ରାଗନ କ୍ଲବର ସଦସ୍ୟ ରଣଜିତ୍, ଦେବୀ, ସନ୍ତୁ, କାମାକ୍ଷା, କଣ୍ଟାଙ୍କ ମଧରେ ଦେଖାଦେଇଛି ସମସ୍ୟା । ସରସ୍ୱତୀ ମୂର୍ତ୍ତିକୁ ଯୁଗୋପଯୋଗୀ, ଆଧୁନିକା, ବିସ୍ଫୋରକ, ତଡା ଆକର୍ଷଣୀୟ କରିବାର ମାନସିକତା ମଧରେ । କାରଣ ବ୍ଲାକ୍‌ଡ୍ରାଗନ୍ କ୍ଲବର ସଦସ୍ୟମାନେ ସରସ୍ୱତୀଙ୍କ ହାତରେ ବୀଣା ବଦଳରେ ଗୀଟାର, ଅନ୍ୟ ହାତରେ ମଦ୍ୟ ପାତ୍ର, ମୁହଁରେ ନସେଲି ଭାବ, ନିମୀଳିତ ଆଖି, ଅଳ୍ପ ଖୋଲାଥିବା ଓଠ, ବିଶାଳ ସ୍ତନ, ପାର୍ଶ୍ୱ ନର୍ତ୍ତକୀମାନେ ଅତିବ କାମୋଦ୍ଦୀପକ ମୂର୍ତ୍ତି ଗଢ଼ିବାକୁ ଚାହିଁଛନ୍ତି, କାଳନ୍ଦୀ ମହାରଣାଙ୍କ ପାଖରେ । ମାତ୍ର କାଳନ୍ଦୀ ମହାରଣା, ନିଜର ସ୍ୱଭାବ, ପ୍ରକୃତି, ପରମ୍ପରା, ଇତିହାସ ତଥା ସରସ୍ୱତୀଙ୍କ ଶାସ୍ତ୍ରୀୟତା ମୂର୍ତ୍ତିକୁ ନିଜର ମନରୁ ବିସ୍ଥାପିତ କରିପାରିନାହାନ୍ତି । ତଥାପି ବ୍ଲାକ୍‌ଡ୍ରାଗନ ସଦସ୍ୟମାନଙ୍କ ଦୁର୍ଦାନ୍ତପଣକୁ ଆଖି ଆଗରେ ରଖି ବରାଦ ମୁତାବକ ଆକର୍ଷଣୀୟ ଓ ବିସ୍ଫୋରକ ମୂର୍ତ୍ତି ଗଢ଼ିଛନ୍ତି । ଯାହା ଭସାଣି ବେଳେ ମଦ୍ୟାଶକ୍ତ ବ୍ଲାକଡ୍ରାଗନମାନଙ୍କୁ କରିଛି କାମୋଦୀପ୍ତ । ଫଳତଃ ସରସ୍ୱତୀ ଓ ପାର୍ଶ ନର୍ତ୍ତକୀମାନଙ୍କୁ କୋଳାଗ୍ରତକରି ନିଜର ଯୌନକ୍ଷୁଧାକୁ ମେଣ୍ଟାଇବାର ଦୃଶ୍ୟ ଦେଖିବାକୁ ମିଳିଛି ।

ସଂପ୍ରତି ପିଢ଼ିଗତ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ସମଗ୍ର ଭାରତରେ ପ୍ରାଚୀନ ପନ୍ଥୀ ଦର୍ଶନ, ନୂତନ ପିଢ଼ି ପାଖରେ ହୋଇଛି ସାମର୍ଥ୍ୟହୀନ ଓ ନୂତନ ପିଢ଼ିର ଦର୍ଶନ ପ୍ରାଚୀନ ପନ୍ଥୀ ପାଖରେ ହୋଇଛି ଅଗ୍ରାହ୍ୟ । ଫଳତଃ ଉଭୟ ପିଢ଼ି ହାତାଶ ମଧରେ ଜୀବନ ଅତିବାହିତ କରୁଛନ୍ତି । ତେଣୁ ସାଂପ୍ରତିକ ଗାଳ୍ପିକ ଉଭୟ ପିଢି ମଧରେ ସମନ୍ୱୟ ଆଣିବାରେ ଚେଷ୍ଟିତ। ତତ୍ ସହିତ ପୂର୍ବ ପିଢି ନୂତନ ପିଢିର ବିଚାର, ବିଶ୍ୱାସ, ନୈତିକ ମୂଲ୍ୟବୋଧକୁ ଗ୍ରହଣ କରିବାର ବାଧ୍ୟବାଧକତା ଓ ନୂତନପିଢି ପୂର୍ବପିଢିର ଦର୍ଶନକୁ ଗ୍ରହଣ କରିନେବାର ସଚେତନ ଭାବ ସାଂପ୍ରତିକ ଗଳ୍ପରେ ପ୍ରତିଫଳିତ ।

## ପ୍ରାନ୍ତଟୀକା

୧. ପାଳ,ପଦ୍ମଜ - ପଦ୍ମଜ ପାଳଙ୍କ ଗଳ୍ପ ସାମ୍ରାଜ୍ୟ - ୧,ଉତ୍ତରପୁରୁଷ,ଗୋଟିଏ ଗାଁର ଛବି, ପୃଷ୍ଠା-୩୪୫

୨. ପୃଷ୍ଟି,ଭୀମ - ୪୦ ବର୍ଷ ୪୦ ଗପ, ପୋଡାମାଟି, ପୃଷ୍ଠା -୩୩୪

୩. ପାଳ, ପଦ୍ମଜ - ପଦ୍ମଜ ପାଳଙ୍କ ଗଳ୍ପ ସାମ୍ରାଜ୍ୟ -୧, ଜୀବନମୟ, ପୁରୁଣକାଳିଆ ଲୋକ, ପୃଷ୍ଠା-୨୫୧